ପିଲାଙ୍କ ଧରିତ୍ରୀ
ଶନିବାର, ୮ ସେପ୍ଟେମ୍ବର , ୨୦୧୮





# ମାମୁନିର ଗଣେଶ ପୂଜା

ଗପ

ସପ୍ତାହେ ହେଲାଣି ମାମୁନିର ଗଣେଶ ପୂଜା ପାଇଁ ପ୍ରସ୍ତୁତି ଚାଲିଛି। କେଉଁଠୁ ରାଶିଲଡ୍ଡୁ, ଉଖୁଡା ଆସିବ, କିପରି କାଗଜ କାଟି ଝାଲର ତିଆରି ହେବ, କାହା ବାଡିରୁ କଦଳୀ ଗଛ ଆସି ତୋରଣ ସଜା ହେବ, ସବୁ ଦାୟିତ୍ୱ ତାରି ମୁଣ୍ଡରେ। ନବମ ଶ୍ରେଣୀରେ ପଢିଲାଣି ସେ। କଲୋନୀ ପିଲା ବି ଭାରି ଖୁସି। ମାମୁନି ଦିଦି ସମସ୍ତଙ୍କର ଭାରି ପ୍ରିୟ। ମାମୁନି ଦିଦି ଗୀତ ଲଗାଇ ଦେଇଛି। ଗୀତ ଶୁଣି ସେପଟେ ଭିକି, ମିକି, ଓ ଲାଲ୍‌ଟୁ ଅଣ୍ଟା ହଲେଇ ନାଚିବା ଆରମ୍ଭ କରିଦେଲେଣି। ଆଉ ଏପଟେ ରୁନି ଓ ଲାଲି ମାମୁନି ଦିଦି ସହିତ ମିଶି ନାଲି ହଳଦିଆ ପତାକା କାଟି ଅଠା ଲଗାଇ ସୁତୁଲି ଦେହରେ ଝୁଲାଉଛନ୍ତି। ବଣ୍ଟି ବାପାଙ୍କ ସହ ବଜାର ଯାଇଛି କିଛି ଫଳମୂଳ ଓ ଭୋଗରାଗ କିଣି ଆଣିବ ବୋଲି। ବୁଲି ଓ ମୀନା ତାଙ୍କ ବାଡିରୁ ଦୂବ, ବରକୋଳି ପତ୍ର ତୋଳି ଆଣିବା ପାଇଁ ଗଲେଣି। ରାତି ପାହିଲେ ଗଣେଶ ପୂଜା। ସମସ୍ତେ ନୂଆ ଡ୍ରେସ କିଣି ସାରିଲେଣି। ଖାଲି ମାମୁନିର ଡ୍ରେସ କିଣା ବାକି ଥାଏ। ସେ ବଜାର ଯିବା ପାଇଁ ପ୍ରସ୍ତୁତ ହୋଇ ବାପାଙ୍କ ପାଖକୁ ଆସିଲା ବେଳକୁ ମାଳତୀ ମାଉସୀ କାନ୍ଦି କାନ୍ଦି କହୁଥାଆନ୍ତି 'ବାବୁ, ଆଜି ଖରାବେଳେ ପୁଅ ମୋର ସାଇକେଲ ଧରି କଲେଜରୁ ଫେରିଲା ବେଳେ ପଛପଟୁ ତାକୁ ଗାଡିଟାଏ ଧକ୍କା ଦେଇ ଚାଲିଗଲା। ତା' ମୁଣ୍ଡ ଫାଟିଯାଇଛି, ତାକୁ ନେଇ ଡାକ୍ତରଖାନାରେ ଭର୍ତ୍ତି କରି ସାରିଛି। ମତେ ସାହାଯ୍ୟ କରନ୍ତୁ।' ମାମୁନିର ବାପା ବି ନିଜର ଅସହାୟତା ଜଣାଉଥାନ୍ତି। ବାପାଙ୍କ କଥା ମଝିରୁ କଥା କାଟି ମାମୁନି କହିଲା–'ବାପା, ମୋ ଡ୍ରେସ ପାଇଁ ତୁମେ ରଖିଥିବା ୩୦୦୦ ଟଙ୍କା ଓ ମୋ ପାଖରେ ଥିବା ଏଇ ୫୦୦ ଟଙ୍କା ମିଶାଇ ତୁମେ ମାଳତୀ ମାଉସୀଙ୍କୁ ଦେଇ ଦିଅ।'

ଏକଥା ଶୁଣି ତା' ବାପା କହିଲେ, 'ହେଲେ ମାମୁନି ତୁ ତ ଏଇ ଡ୍ରେସ ପାଇଁ ମୋ ସହିତ ଜିଦି କରୁଥିଲୁ। ତେଣୁ ଏ ପଇସା.....।' ମାମୁନି କହିଲା–ନାଇଁ ବାପା ମୋର ଡ୍ରେସ ଦରକାର ନାହିଁ। ଡ୍ରେସ ନ ହେଲେ ବି ମୁଁ ଗଣେଶ ପୂଜା କରିପାରିବି। ହେଲେ ମାଳତୀ ମାଉସୀଙ୍କ ପୁଅର ଯଦି କିଛି ଅସୁବିଧା ହୋଇଯିବ ? ତେଣୁ ଏ ଟଙ୍କା ତୁମେ ମାଳତୀ ମାଉସୀଙ୍କ ହାତରେ ଦିଅ। ତାଙ୍କ ପୁଅଟି ଆଗ ଭଲ ହୋଇଯାଉ।' ଏକଥା ଶୁଣି ବାପାଙ୍କ ଆଖିରେ ଲୁହ ଜକେଇ ଆସିଲା ଏବଂ ସେ ନିଜ ପକେଟରୁ କାଢ଼ି ୩୦୦୦ ଟଙ୍କା ମାମୁନି ହାତରେ ଧରାଇଦେଲେ। ମାମୁନି ଦାଣ୍ଡକୁ ଦୌଡିଗଲା, ନିରାଶ ହୋଇ ଫେରିଯାଉଥିବା ମାଳତୀ ମାଉସୀଙ୍କ ହାତକୁ ଟଙ୍କାତକ ବଢ଼ାଇଦେଲା। ସେ ଆଶ୍ଚର୍ଯ୍ୟ ହୋଇ ଚାହିଁଲେ। ତାଙ୍କ ଆଖିରୁ ଲୁହ ଝରିପଡିଲା। ମାମୁନି ଟଙ୍କା ଦେଇସାରି ଘରକୁ ଫେରୁଥିଲା। ଡ୍ରେସ କିଣି ନ ପାରିବାର ଦୁଃଖ ତା' ମନରେ ତିଳେ ହେଲେ ନ ଥିଲା। ଓଲଟି କାହାରି ଆଖିରୁ ଲୁହ ପୋଛିପାରିଛି ବୋଲି ଭାବି ଏକ ଅଦ୍ଭୁତ ଆନନ୍ଦ ତା ମନରେ ଖେଳିଯାଉଥିଲା। ତାକୁ ଲାଗୁଥିଲା ସତେ ଯେପରି ଆକାଶରେ ଥାଇ ପ୍ରଭୁ ଶ୍ରୀ ଗଣେଶ ମୁରୁକି ମୁରୁକି ହସି ତା ଆଡେ ଚାହିଁ ରହିଛନ୍ତି।

– ଛନ୍ଦା ମିଶ୍ର
୩ଆର/୬ ବିଜେବି ନଗର, ଭୁବନେଶ୍ୱର
ମୋ: ୯୪୩୭୪୫୩୬୧୦

## ମତାମତ

★ଏଥରର ପିଲାଙ୍କ ଧରିତ୍ରୀରେ ପ୍ରକାଶିତ ଜନ୍ମାଷ୍ଟମୀ ଓ ଗୁରୁଦିବସ ସମ୍ପର୍କିତ ସମସ୍ତ କବିତା ବେଶ୍ ମନଛୁଆଁ ହୋଇଥିଲା। ଜଣା ଅଜଣା ସ୍ତମ୍ଭଟି ବେଶ୍ ଶିକ୍ଷଣୀୟ ହେଉଛି।

– ନରେଶ ପତି,
ତେଲେଙ୍ଗାବଜାର,କଟକ

★ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ପାପ ବଢିଲେ ପ୍ରଭୁ ରାଗନ୍ତି' ରୁ ଶ୍ରୀକୃଷ୍ଣଙ୍କ ଜନ୍ମଦିନକୁ କାହିଁକି ଜନ୍ମାଷ୍ଟମୀ ରୂପେ ପାଳନ କରାଯାଏ ଜାଣିବାକୁ ମିଳିଲା।

– ଅଭିଜିତ୍ ମହାପାତ୍ର,
କୋରାପୁଟ

★ତୁମ ତୂଳୀରୁ ପୃଷ୍ଠାରେ ସ୍ଥାନ ପାଇଥିବା ଶ୍ରୀକୃଷ୍ଣଙ୍କର ସମସ୍ତ ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା।

– ଶ୍ରେୟାଂଶ ମହାନ୍ତି,
କାମାକ୍ଷାନଗର, ଢେଙ୍କାନାଳ

★ଆଇନା ପୃଷ୍ଠାରେ ସ୍ଥାନିତ ପିଲାଙ୍କ ରାଧାକୃଷ୍ଣଙ୍କ ବେଶ ବେଶ୍ ସୁନ୍ଦର ଲାଗୁଥିଲା। କହିଲ ଦେଖି ପଢିବାକୁ ମଜା ଲାଗିଲା।

– ପରିଣିତା ଶତପଥୀ,
ଭାପୁର, ନୟାଗଡ

★ଏଥରର ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ସମ୍ପୂର୍ଣ୍ଣ ରାଧାକୃଷ୍ଣଙ୍କ ସମ୍ପର୍କିତ ଥିବାରୁ ସମସ୍ତ ପୃଷ୍ଠା ପଢିବାକୁ ଭଲ ଲାଗିଲା।

– ମିତାଲି,ମୋନାଲି,
ସୋନାଲି,ରାଜକନିକା,କେନ୍ଦ୍ରାପଡା

## ଖି|ଲି|ଖି|ଲି ହସ




### ଦୁଇ ସାଙ୍ଗ ମଧ୍ୟରେ କଥାବାର୍ତ୍ତା

ରିଙ୍କୁ: ଆରେ ଚିକୁ, ତୁ ଏକାଥରେ କେତେ ଲୋକଙ୍କୁ ଉଠାଇ ପାରିବୁ ?
ଚିକୁ: ମୁଁ ତ ପିଲାଟା, ଏତେ ଲୋକଙ୍କୁ ଏକାବେଳେ ଉଠାଇବା ସହଜ ନୁହେଁ।
ରିଙ୍କୁ: ତୋଠୁ ତ ଭଲ ମୋ କୁକୁଡା, ଯିଏ ସକାଳ ହେଲେ ଆମ ପାଖ ପଡିଶା ସମସ୍ତଙ୍କୁ ଏକାଥରେ ଉଠାଇ ଦେଉଛି।

ଚୁନୁ : ଆରେ ମୁନୁ, ତୁ ସାଇକେଲ ଧୋଉଛୁ ?
ମୁନୁ: ନା, ପାଣି ଦେଉଛି ସାଇକେଲ୍‌କୁ, କାଲେ ବଡ ହୋଇ କାର୍ ହୋଇଯିବ।

ଗୋଲୁ: କ'ଣ ଭାବୁଛୁ ମୋଲୁ ?
ମୋଲୁ: ମୁଁ ଭାବୁଛି ମୂଷା ଇଞ୍ଜିନିୟର ନୁହେଁ ତ ?
ଗୋଲୁ: କାରଣ ସିଏ କେମିତି ଜାଣେ କେଉଁ ତା'ର କାଟିଦେଲେ ମେଶିନ୍ ଖରାପ୍ ହୋଇଯିବ।

## ବିନ୍ଦୁ ଯୋଡ଼



## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795



# ପୁଣି ଆସିଛି ଗଣେଶ ପୂଜା

ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ଲାଗି ଏବେ ଗାଁଠୁ ସହର ସବୁଆଡ଼େ ଉତ୍ସବମୁଖର। ଶିକ୍ଷାନୁଷ୍ଠାନ ହେଉ ବା ବ୍ୟବସାୟିକ ଅନୁଷ୍ଠାନ, ଗଜାନନଙ୍କ ଆବାହନ ଲାଗି ସମସ୍ତେ ବ୍ୟଗ୍ର । ତେବେ ଏହି ଗଣେଶ ଚତୁର୍ଥୀକୁ ପିଲାମାନେ କିଭଳି ପାଳନ କରିବାକୁ ଯୋଜନା କରୁଛନ୍ତି ସେ ସମ୍ପର୍କରେ....

✻ **ସାଙ୍ଗସାଥୀଙ୍କ ସହ ମଜା କରିବି:** ଏଥର ଗଣେଶ ପୂଜା ସ୍କୁଲ୍‌ରେ ଧୁମ୍‌ଧାମ୍‌ରେ ପାଳନ କରାଯିବ। ଭୋଜିଭାତର ଆୟୋଜନ କରାଯାଉଛି। ନୂଆ ଡ୍ରେସ୍ ପିନ୍ଧି ସ୍କୁଲ ଯିବି। ଗଣପତିଙ୍କୁ ଭୋଗ ଓ ପୁଷ୍ପାଞ୍ଜଳି ଅର୍ପଣ କରିବି। ନିଷ୍ଠାର ସହ ଭଲ ବିଦ୍ୟା ଦେବାକୁ କାମନା କରିବି। ଆଉ ସାଙ୍ଗସାଥୀଙ୍କ ସହ ମିଶି ବୁଲାବୁଲି କରିବି।

– **କ୍ରିଷ୍ଣାପ୍ରିୟା ଧାଙ୍ଗଡମାଝି,** *କ୍ଲାସ୍ –୯,*
*ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ, ଭବାନୀପାଟଣା*

✻ **ଏ ବର୍ଷ ଗଣେଶ ପୂଜାକୁ ଅତି ନିଷ୍ଠାର ସହ ପାଳନ କରିବି:** ଏବର୍ଷ ମୁଁ ମାଟ୍ରିକ ପରୀକ୍ଷା ଦେବି। ତେଣୁ ବିଦ୍ୟାଦାତା ଶ୍ରୀଗଣେଶଙ୍କ ଆଶୀର୍ବାଦ ମୋର ନିହାତି ଦରକାର। ଏ ବର୍ଷ ଗଣେଶ ପୂଜାକୁ ମୁଁ ଅତି ନିଷ୍ଠାର ସହ ପାଳନ କରିବି। ଗଣେଶ ପୂଜା ଦିନ ଉପବାସ ରହି ପୂଜା କରିବି। ଆମ ସ୍କୁଲରେ ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ପୂଜା ଅନୁଷ୍ଠିତ ହେବ। ତେଣୁ ମୋତେ ଭୋଗ ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ ଏହି ଅବସରରେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଭାଗ ନେବି।

– **ଲିଟିଲ୍ ସାହୁ,** *କ୍ଲାସ୍–୧୦,*
*ଝାଡେଶ୍ୱର ହାଇସ୍କୁଲ,*
*ଘଷିପୁରା, କେନ୍ଦୁଝର*

✻ **ଭଲ ପାଠ ଦିଅନ୍ତୁ ବୋଲି ପ୍ରାର୍ଥନା କରିବି:** ଗଣେଶ ପୂଜା ଆସିଲେ ଖୁସି ଲାଗେ। ସାଙ୍ଗମାନେ ଏକାଠି ମିଶି ପୂଜା ପରେ ବୁଲାବୁଲି କରୁ। ଗୋଟେଦିନ ପାଠପଢ଼ା ଚିନ୍ତା ନ ଥାଏ ସତ, କିନ୍ତୁ ଆମେ ଠାକୁରଙ୍କୁ ପ୍ରାର୍ଥନା କରୁ ଭଲ ପାଠ ଦେବାକୁ। ଏଥର ମଧ୍ୟ ଠାକୁରଙ୍କୁ ମୁଣ୍ଡିଆ ମାରିବି, ଭଲ ପାଠ ଦିଅନ୍ତୁ ବୋଲି ପ୍ରାର୍ଥନା କରିବି। ପୁଷ୍ପାଞ୍ଜଳି ନ ଦେଲା ପର୍ଯ୍ୟନ୍ତ ଖାଇବାକୁ ମନ କହେନି।

**–ଶୁଭମ୍ ସ୍ୱାଇଁ,**
*କ୍ଲାସ–୪, ଗୋପାଳପୁର,*
*ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର,*
*ଓହଳ, ନିମାପଡା, ପୁରୀ*

✻ **ଭଲ ବିଦ୍ୟା– ବୁଦ୍ଧି ପାଇଁ କାମନା କରିବି:** ଏଥର ଗଣେଶ ପୂଜାରେ ମୁଁ ସାଙ୍ଗସାଥୀଙ୍କ ସହ ମିଶି ଖୁବ୍ ମଜା କରିବି। ସ୍କୁଲ୍‌ରେ ଡେକୋରେଶନ କରିବା ସହ ସାଙ୍ଗରେ ପୁଷ୍ପ ଓ ଭୋଗ ନେଇ ବିଘ୍ନନାଶକ ଗଣପତିଙ୍କୁ ଅର୍ପଣ କରିବି। ବିଦ୍ୟାଦାତା ଗଣପତିଙ୍କୁ ଭଲ ବିଦ୍ୟା ଓ ବୁଦ୍ଧି ପ୍ରଦାନ କରିବାକୁ କାମନା କରିବି। ଏହିଦିନ ପୂଜାଠାରୁ ଆରମ୍ଭ କରି ଭୋଜିଭାତ ପର୍ଯ୍ୟନ୍ତ ସବୁକାମ ଯେପରି ଶୃଙ୍ଖଳାର ସହ ହେବ ସେଥିପ୍ରତି ମଧ୍ୟ ସଜାଗ ରହିବି।

– **ହରଜିତ୍ ସିଂ,** *କ୍ଲାସ୍ – ୮*
*ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲ, ଭବାନୀପାଟଣା*

✻ **ପୁଷ୍ପାଞ୍ଜଳି ଦେଇ ପ୍ରସାଦ ସେବନ କରିବି:** ଏଥର ଗଣେଶପୂଜା ଦିନ ସକାଳ ୬.୩୦ରୁ ବିଦ୍ୟାଳୟ ଯିବି । ସେଠାରେ ବ୍ରାହ୍ମଣ ଆସି ଗଣପତିଙ୍କ ପୂଜା କରିବେ। ଆମେ ଯେପରି ଭଲବାଟରେ ଯିବୁ, ଭଲ ବିଦ୍ୟା ଅର୍ଜନ କରିବୁ, ସେ ନେଇ ଠାକୁରଙ୍କ ପାଖରେ ପ୍ରାର୍ଥନା କରିବି। ପୂଜା ଶେଷ ହେଲା ପରେ ପୁଷ୍ପାଞ୍ଜଳି ଦେଇ ସାଙ୍ଗସାଥୀ ମିଶି ପ୍ରସାଦ ସେବନ କରିବି।

– **ଚାହତ୍ ପରମାର,** *କ୍ଲାସ୍ – ୧୦, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରେଢ଼ାଖୋଲ, ସମ୍ବଲପୁର*

✻ **ରଙ୍ଗିନ କାଗଜ ଝାଲେରିରେ ପୂଜା ମଣ୍ଡପ ସଜାଇବୁ:** ଗଣେଶ ପୂଜା ପୂର୍ବଦିନ ମୁଁ ସାଙ୍ଗସାଥୀଙ୍କ ସହ ମିଶି ଶ୍ରେଣୀ ଗୃହକୁ ସାଜସଜ୍ଜା କରିବୁ। ରଙ୍ଗିନ କାଗଜରେ ଝାଲେରି ଓ ଫୁଲ ପ୍ରସ୍ତୁତ କରି ଟଙ୍ଗାଇବୁ। କଳାପଟାକୁ ସଫା କରି ଆକର୍ଷଣୀୟ ଚିତ୍ର ଆଙ୍କିବୁ। ନୂଆବସ୍ତ୍ର ପରିଧାନ କରି ସ୍କୁଲ୍ ଯାଇ ପୁଷ୍ପାଞ୍ଜଳି ଦେବୁ। ତା'ପରେ ପ୍ରସାଦ ସେବନ କରି ଘରକୁ ଫେରିବି।

– **ଲିପ୍ସା ଶୁଭଦର୍ଶିନୀ,** *କ୍ଲାସ୍ – ୮*
*ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଭୀମଟାଙ୍ଗି, ଭୁବନେଶ୍ୱର*

✻ **ଗଣେଶ ଗୀତିନାଟ୍ୟରେ ଗଣେଶ ଚରିତ୍ରରେ ଅଭିନୟ କରିବି:** ଗଣେଶ ପୂଜା ପାଇଁ ମୁଁ ଏବେଠାରୁ ବ୍ୟଗ୍ର। ନୂଆ ଡ୍ରେସ କିଣାସରିଛି। ସେ ଦିନ ସକାଳୁ ନୂଆ ଡ୍ରେସ ପିନ୍ଧି ଠାକୁରଙ୍କ ଲାଗି ଭୋଗ ଧରି ସ୍କୁଲକୁ ଯିବି। ଏହି ଅବସରରେ ଆମ ସ୍କୁଲରେ ଭୋଜିଭାତର ଆୟୋଜନ କରାଯାଇଛି। ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଯେଉଁଥିରେ ଏବର୍ଷ ମୋତେ ଗଣେଶ ଗୀତିନାଟ୍ୟରେ ଗଣେଶ ଚରିତ୍ରରେ ଅଭିନୟ କରିବାର ସୁଯୋଗ ମିଳିଛି। ସେଥିପାଇଁ ମୁଁ ଅଭ୍ୟାସ ଜାରି ରଖିଛି।

– **ଲିପ୍‌ସାମୟୀ ମିଶ୍ର,** *କ୍ଲାସ୍–୬, ସରସ୍ୱତୀ ବିଦ୍ୟାମନ୍ଦିର, ଘଷିପୁରା, କେନ୍ଦୁଝର*

✻ **ନୂଆ ଡ୍ରେସ୍ ପିନ୍ଧି ଭୋଗ ଦୀପ ଧରି ସ୍କୁଲ ଯିବି:** ବିଦ୍ୟାଦାତା ଗଣେଶଙ୍କର ପୂଜା ପାଇଁ ମୁଁ କେବେଠାରୁ ଅପେକ୍ଷା କରି ରହିଛି। ପୂଜା ପୂର୍ବଦିନ ସାଜସଜ୍ଜାରେ ଏବର୍ଷ ମଧ୍ୟ ନିଶ୍ଚିତ ଭାଗ ନେବି। ପୂଜାଦିନ ସକାଳୁ ଉଠି ଫୁଲ ତୋଳିବାକୁ ଯିବି। ତା'ପରେ ନିତ୍ୟକର୍ମ ସାରି ନୂଆଡ୍ରେସ ପିନ୍ଧି ଭୋଗ,ଫୁଲ, ଦୀପ ଧରି ସ୍କୁଲକୁ ଯିବି। ପୂଜା ଶେଷରେ ସମସ୍ତେ ପୁଷ୍ପାଞ୍ଜଳି ଦେବୁ। ତା'ପରେ ସ୍କୁଲର ସବୁ ଛାତ୍ରୀଛାତ୍ର ମିଶି ପ୍ରସାଦ ସେବନ କରିବୁ।

– **ଗାୟତ୍ରୀ ମୁଦୁଲି,** *କ୍ଲାସ–୬,*
*ଭେଙ୍କଟେଶ୍ୱର ଇଂଲିଶ*
*ମିଡିୟମ୍ ସ୍କୁଲ୍, କୋଣାର୍କ, ପୁରୀ*


ଲିଟିଲ୍


ହରଜିତ


ଲିପ୍ସା


ଲିପ୍‌ସାମୟୀ


କ୍ରିଷ୍ଣାପ୍ରିୟା



ଚାହତ୍


ଶୁଭମ୍


ଗାୟତ୍ରୀ

# ତୁମ ତୂଳୀରୁ




୧



୨



୩



୪



୫


୬



୭


୮


୯


୧୦


୧୧


୧୨


୧

**ଅବିନାଶ ସେଠୀ,** କ୍ଲାସ-୩,କେନ୍ଦ୍ରୀୟ ବିଦ୍ୟାଳୟ-୧,ୟୁନିଟ୍-୯,ଭୁବନେଶ୍ୱର

୨

**ଅଂଶୀତା ବେହେରା**
କ୍ଲାସ-୪, ଡିଏଭି ପବ୍ଲିକ୍ ସ୍କୁଲ୍, ପୋଖରୀପୁଟ୍, ଭୁବନେଶ୍ୱର

୩

**ଅରୋସ୍ମିତା ନରେନ୍ଦ୍ର**
କ୍ଲାସ-୩, ବିଜେଇଏମ୍‌ସ୍କୁଲ, ବିଜେବିନଗର, ଭୁବନେଶ୍ୱର

୪

**ଶ୍ରୀୟା ପଟ୍ଟନାୟକ**
କ୍ଲାସ-୭, ଗ୍ଲୋରିୟସ୍ ଇଂଲିଶ ମିଡିୟମ୍ ସ୍କୁଲ, ଯାଜପୁରରୋଡ, ଯାଜପୁର

୫

**ନାବ୍ୟା ମିଶ୍ର**
କ୍ଲାସ-୪, ନାରାୟଣା ସ୍କୁଲ, ଭୁବନେଶ୍ୱର

୬

**ସାଇନା ମହାସୁଆର**
କ୍ଲାସ-୫, ସେଣ୍ଟ ଜାଭିୟର୍ସ ସ୍କୁଲ, କେଦାରଗୌରୀ, ଭୁବନେଶ୍ୱର

୭

**ମାନସ ରଞ୍ଜନ ସାଏ**
କ୍ଲାସ-୪, ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପୁଇଁତଲା, ବଲାଙ୍ଗୀର

୮

**ପିସି ବାଦଲ କୁମାର**
କ୍ଲାସ-୩, ଭେଙ୍କଟେଶ୍ୱର ସ୍କୁଲ, ଜାରକା, ଯାଜପୁର

୯

**ଜୟସ୍ମିତା ପତି**
କ୍ଲାସ-୪, ନାରାୟଣ ଅଲିମ୍ପିଆଡ୍ ସ୍କୁଲ, ଭୁବନେଶ୍ୱର

୧୦

**ସ୍ମିତା ମିଶ୍ର,** କ୍ଲାସ-୫, ସେଣ୍ଟ ଜାଭିୟର୍ସ ସ୍କୁଲ, କେଦାରଗୌରୀ, ଭୁବନେଶ୍ୱର

୧୧

**ସୁନୀତା ନାୟକ**
କ୍ଲାସ-୫, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ୱାଟରୱାର୍କରୋଡ,ପୁରୀ

୧୨

**ଅନ୍ୱେଷା କର**
କ୍ଲାସ-୩, ଡିଏଭି ପବ୍ଲିକ୍ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର

କବିତା

## ଗଣେଶ ପୂଜାରେ ଶପଥ ନେବା

ଆସରେ ପିଲାଏ ଦୀପ ଜାଳିବା
ଅନ୍ଧାର ହଟାଇ ଆଲୁଅ ଦେବା
ଜଗତରେ ଯିଏ ମହତ କରେ
ତା' ପାଇଁ ପରା ଦୁନିଆ ଝୁରେ।
ଗଜାନନ ପାଖେ ଅଳି କରିବା
ଜ୍ଞାନପ୍ରଦୀପକୁ ଜଳାଇ ଦେବା
ଫୁଲଟିଏ ହୋଇ ଫୁଟି ଉଠିବା ।
ପରିବେଶସାରା ମହକୁ ଥିବା
ଦୁନିଆରେ ପରା ପୂଜା ହୋଇବା
ପିତା ମାତାଙ୍କର ନାଁ ରଖିବା
ଗଣେଶ ପୂଜାରେ ଶପଥନେବା
ସଭିଏ ଆମେ ଏକ ହେବା।

–ଅଶୋକ କୁମାର ସାହୁ
ବିଶ୍ୱନାଥ ନଗର-୫, ଲାଞ୍ଜିପଲ୍ଲୀ, ବ୍ରହ୍ମପୁର, ଗଞ୍ଜାମ

## ନୂଆଁଖାଇ



ବରଷକେ ଥରେ ପରବ ଆସିଛି
"ନୂଆଁଖାଇ" ନାଁ ନେଇ
ପଶ୍ଚିମ ଓଡ଼ିଶା ଉତ୍ସବ ମୁଖର
ଆଜି ଏ ପରବ ପାଇଁ।
ଇଷ୍ଟଦେବୀ ମାଆ ସମଲେଶ୍ୱରୀଙ୍କୁ
ନୂଆ ଧାନର ନବାନ୍ନ
ଭୋଗ ଲାଗି କରି ସନ୍ତାନ ତାହାର
ମଣିବ ନିଜକୁ ଧନ୍ୟ।
ଘରର ମୁଖିଆ କୁରେଇ ପତ୍ରରେ
ତିଆରି ଦିନାରେ ଅନ୍ନ
ଯଥା ସମୟରେ ସଭିଙ୍କୁ ଖୁଆଇ
କରିବେ ବସି ଭୋଜନ।
ନୂଆଁଖାଇ ସାରି ଯେତେ ସବୁ ସାନ
ଜୁହାରିବେ ବଡ଼ ମାନ
ବାଜା, ନାଚ, ଗୀତେ ଖୁସି ମନାଇବେ
ମିଳିମିଶି ରାତି, ଦିନ।
ଲେଉଟି ଯିବ ସେ ଆଉ ବରଷକୁ
ଫେରିବାର ଦେଇ କଥା
ଭାଇଚାରାର ଏ ପର୍ବ ନୂଆଁଖାଇ"
ପାଦେ ନଇଁ ଯାଏ ମଥା"।

–ରମାକାନ୍ତ ବେହେରା
ଭଣ୍ଡାରିପୋଖରୀ, ଭଦ୍ରକ

ପ୍ରତିଭା

## ସଙ୍ଗୀତର ଧୂନ୍‌ରେ ସୃଷ୍ଟିକା



ସଙ୍ଗୀତ ତାଙ୍କ ପାଇଁ ଆରାଧନା । ସଙ୍ଗୀତ ବିନା ସତେ ଯେମିତି ଜୀବନଟା ଅସମ୍ପୂର୍ଣ୍ଣ। ସେ ହେଉଛନ୍ତି ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଶକ୍ତି ନଗର ନିବାସୀ ବାପା ଆଶିଷ କୁମାର ବାରିକ ଓ ମା' ଚୁନି ବାରିକଙ୍କ କନ୍ୟା ସୃଷ୍ଟିକା ବାରିକ। ଲୋଇସିଂହା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ସେ । ପିଲାଟି ଦିନରୁ ନେହା କକ୍କର ଓ ଶ୍ରେୟା ଘୋଷାଲଙ୍କ ଗୀତ ତାଙ୍କୁ ଆକର୍ଷିତ କରିଥିଲା । ସେବେଠାରୁ ସେ ଟାଣି ହୋଇ ଆସିଥିଲେ ସଙ୍ଗୀତ ଜଗତକୁ । ବଲାଙ୍ଗୀର ପଞ୍ଚମ କଳାକେନ୍ଦ୍ରର ଗୁରୁ ଶୁଭ୍ରାଂଶୁ ଶେଖର ମିଶ୍ରଙ୍କଠାରୁ ୨ ବର୍ଷ ହେଲା ହିନ୍ଦୁସ୍ଥାନୀ ଭୋକାଲ ସଙ୍ଗୀତ ଶିକ୍ଷା ନେଉଛନ୍ତି । କେବଳ ସଙ୍ଗୀତ ନୁହେଁ ନୃତ୍ୟ ଓ ଚିତ୍ର ଆଙ୍କିବାରେ ମଧ୍ୟ ମାହିର ଏହି ମେଧାବୀ ଛାତ୍ରୀ । ବିଜ୍ଞାନମେଳା ପ୍ରଦର୍ଶନୀରେ ଅନେକ ଥର ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ୨୦୧୭ରେ ରାଜ୍ୟ ପ୍ରରୀୟ ସୁରଭି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାରୁ ପ୍ରତିନିଧିତ୍ୱ କରି ପୁରସ୍କୃତ ହୋଇଥିଲେ । ବଲାଙ୍ଗୀର କଳାଶ୍ରୀ ପରିଷଦ ପକ୍ଷରୁ ରାଜେନ୍ଦ୍ର ନାରାୟଣ ସ୍ମୃତି ସମ୍ମାନ ପାଇଛନ୍ତି । ଭବିଷ୍ୟତରେ ଜଣେ ସଙ୍ଗୀତକାର ହେବା ପାଇଁ ଆଶା ରଖିଛନ୍ତି ସୃଷ୍ଟିକା।

– ସୁଶାନ୍ତ ବାରିକ

## କହିଲ ଦେଖି

ଧୋବ ଫରଫର ରଙ୍ଗଟି ତା'ର
ଧ୍ୱନିତାର ଅଟେ ଭାରି ମଧୁର
କାନରେ ବାଜିଲେ ତାହାରି ସ୍ୱର
ପବିତ୍ର ହୁଅଇ କାନ ଆମର
ମନ୍ଦିର ହେଉ ଅବା ପରବ
ବାହାସାହା ଘରେ ସେ ବାଜୁଥିବ
ବିଷ୍ଣୁଙ୍କର ଏକ ପ୍ରତୀକ ସିଏ
ନାମଟି ତାହାର କହିବ କିଏ ?
ଉ–ଶଙ୍ଖ






ଜଳରେ ରୁହେ ସେ ସ୍ଥଳରେ ରୁହେ
ଦେହରେ ତାହାର କଣ୍ଟାବି ଥାଏ
ସେ ପରା ଅଟଇ ଏମିତିମାଛ
ଇଚ୍ଛାହେଲେ ତା'ର ଚଢଇ ଗଛ ।
ଉ–କଉ ମାଛ

ଗୁଡ଼ରେ ଅଛି ଚିନିରେ ନାହିଁ
ବଡ଼ରେ ଅଛି ସାନରେ ନାହିଁ ।
ଉ– ଡ଼ (ଅକ୍ଷର)

ରଙ୍ଗଟି ତାହାର ଅଟଇ କଳା
ଘରୁ ସେ ବାହାରେ ଭୋରବେଳା
ସଭିଙ୍କ ମନରେ ଯାଏ ସେ କହି
ଉଠି ପଡ଼ ରାତି ଯାଇଛି ପାହି ।
ଉ– କାଉ





ପାହାଚ ପାହାଚ ଗଛଟି ସିଏ
ଫଳଟି ତାହାର ମନ ଚୋରାଏ
ନିଶାଦ୍ରବ୍ୟ ଅଟେ ରସ ତାହାରି
ପତରରେ ହୁଏ ଝାଡୁ ତିଆରି ।
ଉ–ଖଜୁରି

–ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର,ଉତ୍ତରକୂଳହାଟ,ପ୍ରୀତିପୁର,ଯାଜପୁର

## ଏଥରର ପ୍ରଶ୍ନ ?

- କେଉଁ ତିଥିରେ ଗଣେଶ ପୂଜା ପାଳିତ ହୁଏ?
- ଗଣେଶଙ୍କ ବାହନ କିଏ?
- ଗଣେଶଙ୍କ ଭାଇଙ୍କ ନାମ କ'ଣ?
- ହିନ୍ଦୁଧର୍ମ ଅନୁସାରେ କେଉଁ ଦେବତାଙ୍କୁ ସର୍ବ ପ୍ରଥମେ ପୂଜା କରାଯାଏ?
- ଗଣେଶ କେଉଁ ଦେବୀଙ୍କ ଅଂଶ ଅଟନ୍ତି?
- ଭାରତର କେଉଁ ସ୍ଥାନ ଗଣେଶ ପୂଜା ପାଇଁ ପ୍ରସିଦ୍ଧ?


ରଙ୍ଗ ଦିଅ



ନାମ:
ସ୍କୁଲ:
ଶ୍ରେଣୀ:
ଠିକଣା:

## ତୁମ ପଢ଼ିବା ପାଇଁ

### ଆସ ଶୁଣିବା ଗପ




ଗଳ୍ପ ସଙ୍କଳନ 'ଆସ ଶୁଣିବା ଗପ'ରେ ରହିଛି ସେ ଥିଲେ ଆଚାର୍ଯ୍ୟ ହରିହର, ନରମିଗଲେ ଗାନ୍ଧୀ, ହଜିଲା ଭାଇକୁ ଆଣିଲା ଖୋଜି, ପୁଣ୍ୟଫଳ, ଧର୍ମର ଜୟ, କୁକୁଡା ଲଢ଼େଇ, କୁଆ ଛୁଆ କି ଦୋଷ କଲା ପରି ରହିଛି କେତୋଟି ଶିକ୍ଷଣୀୟ ଗଳ୍ପ। ଶକୁନ୍ତଳା ମିଶ୍ରଙ୍କ ରଚିତ ଏହି ସଙ୍କଳନର ମୂଲ୍ୟ ୮୦ଟଙ୍କା। ଯୋଗାଯୋଗ–ଶିବ ଭବନ,ଦୋଳମଣ୍ଡପ ସାହି,ପୁରୀ, ମୋ:୯୪୩୭୭୨୮୫୧୦।

## ଆରଥରର ଉତ୍ତର

- ଜନ୍ମାଷ୍ଟମୀ
- ଦେବକୀ
- ଯଶୋଦା
- ମଥୁରା
- ସୁଦାମା
- ଗରୁଡ

ବିଚିତ୍ର ବୈଜ୍ଞାନିକ


# ବିଜ୍ଞାନରେ ବି ସ୍ୱାଧୀନ ମତ ବିପଦ ହୋଇପାରେ

ପ୍ର. ରମେଶ ଚନ୍ଦ୍ର ପରିଡ଼ା


ସାର୍ ହାମ୍ଫ୍ରେ ଡାଭି

ସ୍ୱାଧୀନ ମତ ରଖିବା ଆମର ଜନ୍ମଗତ ଅଧିକାର। ବେଳେବେଳେ ଏହାଦ୍ୱାରା ଆମକୁ କିଛି ଲୋକଙ୍କ ବିରୋଧୀ ହେବାକୁ ପଡେ। ସେମାନେ ଉଦାରମନା ହୋଇଥିଲେ ତାହା ଗ୍ରହଣ କରିନିଅନ୍ତି। ସେଥିରୁ ଶିକ୍ଷା କରିବାକୁ ଚେଷ୍ଟା କରନ୍ତି। ତାହା ହୋଇ ନ ଥିଲେ ସେମାନେ ଆମ ଉପରେ କ୍ରୋଧ କରନ୍ତି। ଆମ ପାଇଁ ବିପଦ ସୃଷ୍ଟି କରନ୍ତି। ବେଳେବେଳେ ସତ୍ୟ ସନ୍ଧାନୀ ବୈଜ୍ଞାନିକମାନେ ମଧ୍ୟ ଏପରି ଆଚରଣ ଦେଖାନ୍ତି। ସେମାନେ ତାଙ୍କୁ ବିରୋଧ କରୁଥିବା ଲୋକଙ୍କ ଉପରେ ଅଯଥା ରାଗନ୍ତି। ସୁଯୋଗ ମିଳିଲେ ତାଙ୍କର କ୍ଷତି ମଧ୍ୟ କରିବାକୁ ପଛାନ୍ତି ନାହିଁ।

ବୈଜ୍ଞାନିକ ସାର୍ ହାମ୍ଫ୍ରେ ଡାଭି ଥିଲେ ବେଶ୍ ରାଗୀ ମିଜାଜ୍‌ର ଲୋକ। ସେ ଖଣିରେ ବ୍ୟବହାର ହେଉଥିବା ନିରାପଦ ବତିର ଉଦ୍‌ଭାବକ ଥିଲେ। ତେବେ ପ୍ରକୃତରେ ସେ ପ୍ରଥମେ ତିଆରି କରିଥିବା ବତିଟି ଆଦୌ ନିରାପଦ ନ ଥିଲା। ଏଣୁ ବ୍ରିଟିଶ୍ ସରକାରଙ୍କ ଦ୍ୱାରା ଗଢାଯାଇଥିବା ଏକ କମିଟି ଏହାକୁ ଖଣିରେ ବ୍ୟବହାର କରିବା ଲାଗି ଅନୁମତି ଦେଲା ନାହିଁ। ଡାଭିଙ୍କ ପ୍ରିୟ ଛାତ୍ର ମାଇକେଲ୍ ଫାରାଡେ ଥିଲେ ଏହାର ଜଣେ ସଦସ୍ୟ। ସେ



ମଧ୍ୟ ମତ ଦେଲେ ଯେ ବତିଟି ବେଶି ସମୟ ଜଳିଲେ ଗରମ ହୋଇ ନିଆଁ ଲାଗିବାର ଆଶଙ୍କା ରହିଛି। ତେଣୁ ଇଂଲଣ୍ଡର ଖଣିଗୁଡ଼ିକରେ ଆଗରୁ ଚଳିଆସୁଥିବା ରେଳ ଇଂଜିନ୍‌ର ଉଦ୍‌ଭାବକ ଷ୍ଟିଫେନସନ୍‌ଙ୍କ ବତି ବ୍ୟବହାର ହେବାକୁ ଲାଗିଲା। ଏକଥା ଡାଭିଙ୍କୁ ଭାରି ବାଧିଲା। ମନେମନେ ସେ ଫାରାଡେଙ୍କ ଉପରେ ଖୁବ୍ ରାଗିଲେ।

ଏହାର କିଛିଦିନ ପରେ ନିଉକ୍ୟାସେଲର୍ ଖଣି ଖୋଳାଳିମାନେ ଷ୍ଟିଫେନ୍‌ସନ୍‌ଙ୍କୁ ଡାକି ସମ୍ମାନିତ କଲେ ଏବଂ ତାଙ୍କୁ କୃତଜ୍ଞତା ଜଣାଇ ଏକ ହଜାର ପାଉଣ୍ଡ ଦେଲେ। ଏହାଥିଲା ହାମ୍ଫ୍ରେଙ୍କ କଟାଘା’ରେ ଚୂନ ବୋଳିଲା ଭଳି ଘଟଣା। କିନ୍ତୁ, ପ୍ରକୃତରେ ସେଥିରୁ ଉପକୃତ ହେଲା ବିଜ୍ଞାନ। କାରଣ, ଏହାପରେ ସେ ପ୍ରାଣପଣେ ଲାଗିପଡିଲେ ଅଧିକ ଉନ୍ନତମାନର ବତିଟିଏ ତିଆରି କରିବାକୁ। ସେଥିପାଇଁ ସେ ଷ୍ଟିଫେନ୍‌ସନ୍‌ଙ୍କ ବତି ସମେତ ଯେତେ ପ୍ରକାର ବତି ଥିଲା, ସବୁ ଆଣି ପରୀକ୍ଷା ନିରୀକ୍ଷା କଲେ। ସେଥିରୁ ମିଳିଥିବା ଧାରଣାକୁ ନେଇ ତିଆରି କଲେ ବର୍ତ୍ତମାନ ସଚରାଚରେ ଜଣାଶୁଣା ଏବଂ ବ୍ୟବହୃତ ହେଉଥିବା ଡାଭିଙ୍କ ନିରାପଦ ବତି।

ହେଲେ, ଫାରାଡେଙ୍କ ଉପରୁ ତାଙ୍କର ରାଗ କମି ନ ଥିଲା। ତାଙ୍କୁ ପାନେ ଦେବା ପାଇଁ ସେ ସୁଯୋଗ ଉଣ୍ଡୁଥିଲେ। ଏହା ମିଳିଗଲା, ଯେତେବେଳେ ପରବର୍ଷ ଫାରାଡେ ଇଂଲଣ୍ଡର ବଡ ବଡ ବୈଜ୍ଞାନିକମାନଙ୍କ ସଂଗଠନ ‘‘ରୟାଲ ସୋସାଇଟି’’ର ସଭ୍ୟ ପଦ ପାଇଁ ପ୍ରାର୍ଥୀ ହେଲେ। ସେ ଏହାକୁ ଜୋର୍‌ଦାର୍ ବିରୋଧ କଲେ। ଏଣୁ ଦୀର୍ଘ ଦୁଇବର୍ଷ ଧରି ଫାରାଡେ ଏ ପଦରୁ ବଞ୍ଚିତ ରହିଲେ। କିନ୍ତୁ କିଛିଦିନ ପରେ ଡାଭିଙ୍କ ମନ ବଦଳିଗଲା। ସେ ନିଜର ଭୁଲ୍ ବୁଝିପାରିଲେ। ଏଣୁ ସେ ନିଜେ ତାଙ୍କ ପାଖକୁ ଯାଇ ଏଥିପାଇଁ ଆଉଥରେ ଆବେଦନ କରିବାକୁ କହିଲେ ଏବଂ ତାଙ୍କୁ ଏହି ସଭ୍ୟ ପଦ ମିଳିବାରେ ସାହାଯ୍ୟ କଲେ।

–ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ:୯୯୩୭୯୮୫୭୬୭

# ଜଣା ଅଜଣା



## ଜୀବନ୍ତ ପଥର

ରୋମାନିଆରେ ‘ଟ୍ରୋଭାଣ୍ଟ’ ନାମକ ଏକ ପ୍ରକାର ପଥର ଦେଖାଯାଏ, ଯାହାର ଆକାର ସମୟକ୍ରମେ ବୃଦ୍ଧି ଘଟୁଥିବାର ଦେଖିବାକୁ ମିଳୁଛି। ଏହାକୁ ଜୀବନ୍ତ ପଥର ବୋଲି ମଧ୍ୟ କୁହାଯାଉଛି।



## ଆଣ୍ଟିଲୋପ

ଆଫ୍ରିକା, ଏସିଆ ଏବଂ ଉତ୍ତର ଦକ୍ଷିଣ ଆମେରିକାରେ ଦେଖାଦେଉଥିବା ଆଣ୍ଟିଲୋପର ଶିଙ୍ଗର ଲମ୍ବ ହାରାହାରି ୫ ଫୁଟ ଯାଏଁ ବୃଦ୍ଧି ଘଟିଥାଏ।

## ଫେସ୍‌ବୁକ୍

ପ୍ରସିଦ୍ଧ ସୋସିଆଲ ନେଟ୍‌ୱର୍କିଙ୍ଗ ସାଇଟ୍ ଫେସ୍‌ବୁକ୍ ୨୦୦୪ ମସିହାରେ ମାର୍କ ଜୁକରବର୍ଗଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା।



## ଗୁଣ୍ଡୁଚି ମୂଷା

ମନୁଷ୍ୟମାନଙ୍କ ଭଳି ଗୁଣ୍ଡୁଚି ମୂଷାମାନେ ମଧ୍ୟ ଅନ୍ୟ ଗୁଣ୍ଡୁଚି ମୂଷା ଛୁଆକୁ ପୌଷ୍ୟ ଭାବେ ଗ୍ରହଣ କରନ୍ତି।



## କୋକନଟ୍ କ୍ରାବ୍

ଭାରତ ମହାସାଗର ଏବଂ ପ୍ରଶାନ୍ତ ମହାସାଗର ତଟବର୍ତ୍ତୀ ଅଞ୍ଚଳରେ ଦେଖାଯାଉଥିବା ‘କୋକନଟ୍ କ୍ରାବ୍’ ନଡିଆ ଗଛରେ ଚଢି ନଡିଆ ଖାଇବାରେ ମାହିର।

# ଆଇନା



ଆୟୁଷ
(୯ବର୍ଷ)



ନିକିତା
(୧୨ବର୍ଷ)



ଅର୍ଣ୍ଣବ
(୫ବର୍ଷ)